# ହସଖେଳ

(ପ୍ରଥମ ଭାଗ)

## ପ୍ରଥମ ଶ୍ରେଣୀ

(ଭାଷା, ଗଣିତ ଓ ପରିବେଶ ଅଧ୍ୟୟନର ସମନ୍ୱିତ ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତକ)

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ହସଖେଳ

(ପ୍ରଥମ ଭାଗ)

## ପ୍ରଥମଶ୍ରେଣୀ

**ସଂପାଦକ ମଣ୍ଡଳୀ :**

ଡ. ଚକ୍ରଧର ବିଶ୍ୱାଳ
ଶ୍ରୀ ନୀଳମାଧବ ପରିଚ୍ଛା
ଶ୍ରୀ ପ୍ରଶାନ୍ତ କୁମାର ରଥ
ଶ୍ରୀ ପ୍ରମୋଦ କୁମାର ମଲ୍ଲିକ

**ସମୀକ୍ଷକ ମଣ୍ଡଳୀ :**

ଶ୍ରୀ ନରେଶ ଚନ୍ଦ୍ର ପଣ୍ଡା
ଶ୍ରୀ ନୀଳମାଧବ ପରିଚ୍ଛା
ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର

**ସଂଯୋଜନା :**

ଡ. ପ୍ରୀତିଲତା ଜେନା
ଡ. ତିଳୋତ୍ତମା ସେନାପତି
ଡ. ସବିତା ସାହୁ

**ପ୍ରକାଶକ :**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ** : ୨୦୧୦
୨୦୧୯

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
ଓ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର


**ମୁଦ୍ରଣ :**

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



# ଆମ ଜାତୀୟ ସଙ୍ଗୀତ


"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"


# ସୂଚୀପତ୍ର


| ପାଠ ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ଦେଖ ଓ କହ | ୧ |
| ୨. | ଟୁନା ଟୁନି | ୪ |
| ୩. | ଛେଳି ଡରେ ପାଣିକି | ୧୧ |
| ୪. | ରଜଦୋଳି | ୧୯ |
| ୫. | ଠୋ ଠା | ୨୬ |
| ୬. | କହିଲ ଦେଖି | ୩୨ |
| ୭. | ମୁନି ଯାଇଥିଲା ହାଟକୁ | ୩୯ |
| ୮. | ରାଜାଙ୍କ ଭୋଜି | ୪୬ |
| ୯. | ସପନି ଅଜାଙ୍କ ସପନ ଦେଖା | ୫୪ |
| ୧୦. | ଉଇ | ୬୩ |
| ୧୧. | କିଚିରି ମିଚିରି | ୭୨ |
| ୧୨. | ଦୀପାବଳି | ୭୯ |
| ୧୩. | ଚତୁର କୁକୁଡ଼ା | ୮୬ |

ପାଠ-୧

# ଦେଖ ଓ କହ





## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ପ୍ରଥମେ ପିଲାମାନେ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହୋଇ ମନୋଯୋଗ ସହିତ ଚିତ୍ର ଦେଖିବେ । ପ୍ରତ୍ୟେକ ପିଲାକୁ ଚିତ୍ର ବିଷୟରେ ମୁକ୍ତଭାବରେ କହିବା ପାଇଁ କୁହାଯିବ ।

- ଚିତ୍ରରେ ଥିବା ଜୀବ ମଧ୍ୟରୁ କିଏ କେମିତି ବୋବାନ୍ତି ? କିଏ କାହା ପାଖରେ ଓ ଦୂରରେ ଅଛି ? କିଏ କେଉଁଠି ଅଛି ? ବଡ଼ ଜୀବ / ସାନ ଜୀବ / ମୋଟା / ପତଳା କିଏ ? କାହା ପିଠିରେ ଝିଅମାନେ ବସିଛନ୍ତି ? କାହାର ରଙ୍ଗ କିପରି ? ଜୀବମାନଙ୍କ ଅଙ୍ଗ ଇତ୍ୟାଦି ସମ୍ବନ୍ଧରେ ଶିକ୍ଷକ ପଚାରି ଆଲୋଚନା କରିବେ ।

- 'ଚିତ୍ର ଦେଖି ମୋତେ କ'ଣ ପଚାରିବ ପଚାର' କହି ଶିକ୍ଷକ ପ୍ରତ୍ୟେକ ପିଲା ପାଖରୁ କିଛି ପ୍ରଶ୍ନ ନେବା ପାଇଁ ଚେଷ୍ଟା କରିବେ ଓ ପିଲାଙ୍କ ପ୍ରଶ୍ନର ଉତ୍ତର ଦେବେ ।

- ଚିତ୍ର ଦେଖି ପିଲାଙ୍କୁ ଭଲ ଲାଗୁଥିବା ଚିତ୍ର ଅଙ୍କନ କରିବା ଓ ନିଜ ଚିତ୍ରରେ ରଙ୍ଗଦେବା ପାଇଁ ଶିକ୍ଷକ ପିଲାଙ୍କୁ କହିବେ । ପ୍ରତ୍ୟେକ ପିଲା କିଛି ଆଙ୍କିବା ଆବଶ୍ୟକ ।

- ଚିତ୍ରରେ ଥିବା ପଶୁ ଓ ଚଢ଼େଇ ବ୍ୟତୀତ ଅନ୍ୟ ଜୀବଜନ୍ତୁ ଓ ଚଢ଼େଇର ନାମ ପିଲା କହିବା ପାଇଁ ଶିକ୍ଷକ ସୂଚନା ଦେବେ ।

- ଶିକ୍ଷକ ପିଲାମାନଙ୍କୁ କିଛି କୌତୁକିଆ ପ୍ରଶ୍ନ, ଯଥା-ଜିରାଫ ଓ ଗୁଣ୍ଡୁଚି ମୂଷା କ'ଣ କଥାବାର୍ତ୍ତା ହେଉଛନ୍ତି ? କୁମ୍ଭୀର କାହିଁକି ହସୁଛି ? ହନୁମାଙ୍କଡ଼ କାହାକୁ କହୁଛି ଇତ୍ୟାଦି ପ୍ରଶ୍ନ ପଚାରିବେ ।

- ଚିତ୍ରରେ ଥିବା ପଶୁ ଓ ଚଢ଼େଇଙ୍କ ମଧରୁ ତୁମକୁ କାହାକୁ ଭଲଲାଗେ ? କାହିଁକି ଭଲଲାଗେ ଆଦି ପ୍ରଶ୍ନମାନ ମଧ୍ୟ ଶିକ୍ଷକ ପଚାରିବେ । ୩୯ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ ଶୁଣିବା, କହିବା, ପ୍ରଶ୍ନର ଉତ୍ତର ଦେବା, ବୁଝିବା, ଜୀବଜନ୍ତୁ ଚିହ୍ନିବା, ଚିତ୍ର ଆଙ୍କିବା ଓ କଳ୍ପନା କରିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ ।

ପାଠ-୨

# ଟୁନା ଟୁନି





ଟୁନା ଟୁନି ଭାଇ ଭଉଣୀ
ଆଣିଲେ ଚାଉଳ ଚୂନା,
ବିରି ବାଟିଲେ ଚକୁଳି କଲେ
କହିଲେ ଚଟିଆ ଅନା ।



କବାଟ ଖୋଲି କହିଲା ଟୁନା
ବାଘମାମୁ ହେ ଆସ,
ଚକୁଳି ଚିନି ଚଟଣି ଖାଇ
ଚଉକି ଉପରେ ବସ ।

ଚଉକି କଲା କଟକଟ
ବାଘମାମୁ ଛଟପଟ ।



# ଅଭ୍ୟାସ

୧. 'ଚ' ଅକ୍ଷର ଚାରିପଟେ '◯' କରିବା ଓ
'ଟ' ଅକ୍ଷର ଚାରିପଟେ '□' କରିବା ।



ଚଉକି



ବାଘ



କବାଟ




ଚଟ



ଟଗର




ପନିକି



ଅରଟ



ମାଠିଆ



ଚାମଚ


୨. ତଳ ଛବିରେ ଥିବା ଜିନିଷମାନଙ୍କର ନାମ କହିବା ।
କେଉଁ ଜିନିଷଗୁଡ଼ିକ ଭାରି ଓ କେଉଁଗୁଡ଼ିକ ହାଲୁକା କହିବା ।













୩. ଘରେ ଥିବା କେତୋଟି ଭାରି ଜିନିଷର ନାମ କହିବା ।

୪. ଛବି ଦେଖି ତଳ ଲେଖା ପଢ଼ିବା ।




ଚଟିଆ



ଚପଲ



ଖଟ



ଚାବି



ଚଟୁ



ଚକ

୫. ଛବି ଦେଖି କହିବା ।



କ) କିଏ ଧୋତି ପିନ୍ଧିଛନ୍ତି ?

ଖ) ସେ ଆଉ କ'ଣ କ'ଣ ପିନ୍ଧିଛନ୍ତି ?

ଗ) ତୁମ ଘରେ ଆଉ କିଏ କିଏ ଅଛନ୍ତି ?

ଘ) କିଏ ଶାଢ଼ି ପିନ୍ଧିଛନ୍ତି ?

ଙ) ସେ ଆଉ କ'ଣ କ'ଣ ପିନ୍ଧିଛନ୍ତି ?

ଚ) ପୁରୁଷ ଲୋକମାନେ ଆଉ କେଉଁ ପୋଷାକସବୁ ପିନ୍ଧନ୍ତି ?

ଛ) ସ୍ତ୍ରୀ ଲୋକମାନେ ଆଉ କେଉଁ ପୋଷାକସବୁ ପିନ୍ଧନ୍ତି ?

୬. କବିତାରେ 'ଚ' ତଳେ ଗାର ଓ 'ଟ' ଉପରେ ଗାର ଦେବା ।
ଯେମିତି : ଚ ଟ

୭. 'ଚ' ଓ 'ଟ' ଲଗାଇ ଆଉ କେଉଁ ସବୁ ଶବ୍ଦ ଜାଣିଛ ଆସ କହିବା ।


୮.



ଚଟିଆ ଆଖିରେ ଚଷମା ଲଗାଇ
ଚଉକି ଉପରେ ବସିଛି,
ଚଟଣି ଡାଟିଆ ପାଟିରେ ଲଗାଇ
ଟିକିଏ ଟିକିଏ ଚାଖୁଛି ।

'ଚ' ଅକ୍ଷର ଯେଉଁଠି ଅଛି ତା'ଉପରେ ଗୋଡ଼ି ରଖିବା ।


୯. କ)ଆସ ଚକୁଳି ପିଠାର ଛବି କରିବା ।



ଖ)ଆସ ଅଧା ଚକୁଳି ପିଠାର ଛବି କରିବା ।



ଗ) ଅଧା ଫୁଲକୁ ପୂରା କରିବା ।



୧୦. ଛବି ଦେଖି କହିବା ।



କ) ବେଙ୍ଗୁଲୀନାନୀ କ'ଣ କରୁଛି ?

ଖ) ପିଠା କରିବା ପାଇଁ କି କି ଜିନିଷ ଦରକାର ?

ଗ) ମାଙ୍କଡ଼ କ'ଣ ଦେଖୁଛି ?

ଘ) ତୁମେ କେଉଁ ସବୁ ପିଠା ଖାଇଛ ?




# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଚିତ୍ର ଦେଖି ଶିକ୍ଷକ ଓ ପିଲାମାନେ କବିତାଟିକୁ ୨/୩ ଥର ଆବୃତ୍ତି କରିବେ।
- କବିତାଟିକୁ ପଦ, ପଦରୁ ଧାଡ଼ି, ଧାଡ଼ିରୁ ଅଧା ଧାଡ଼ି, ଅଧା ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କରାଇବା ଆବଶ୍ୟକ।
- ଅଭ୍ୟାସ କାର୍ଯ୍ୟ ୩ ଓ ୭ରେ ପ୍ରତ୍ୟେକ ପିଲା କିଛି କହିବା ଆବଶ୍ୟକ।
- ଅଭ୍ୟାସ କାର୍ଯ୍ୟ ୫ରେ ଅନ୍ୟାନ୍ୟ ପୋଷାକ ଉପରେ ଆଲୋଚନା କରିବା ଦରକାର।
- ଅଭ୍ୟାସ କାର୍ଯ୍ୟ ୯ ପରି ବାଲି, ଗୋଡ଼ିକୁ ନେଇ ବିଭିନ୍ନ ଆକୃତିର କାମ ହେବା ଆବଶ୍ୟକ।
- ଏହି ପାଠଟିକୁ ପଢ଼ାଇବା ପାଇଁ ଅନ୍ୟୁନ ୨୧ ପିରିଅଡ଼ ଲାଗିବ। ଏହି ପାଠରୁ ଶୁଣିବା, କହିବା, ପଢ଼ିବା (ଚ ଓ ଟ), ଆବୃତ୍ତି କରିବା, ପ୍ରାକ୍ ଲିଖନ, ପ୍ରାକ୍ ଗଣନ (ଗୋଟିଏ ସହ ଗୋଟିଏକୁ ଯୋଡ଼ିବା, ଭାରି ଓ ହାଲୁକା, ବିଭିନ୍ନ ଆକୃତି ଇତ୍ୟାଦି), କଳ୍ପନା କରିବା, ପରିବେଶରୁ ବ୍ୟବହାର କରାଯାଉଥିବା ବିଭିନ୍ନ ଜିନିଷ, ପୋଷାକ, କିଏ କ'ଣ ପିନ୍ଧନ୍ତି ଓ ପରିବାରର ସଦସ୍ୟଙ୍କ ନାମ କହିବାର ଦକ୍ଷତା ବିକାଶ ହେବା ଆବଶ୍ୟକ।


ପାଠ-୩

# ଛେଳି ଡରେ ପାଣିକି

ବଣ ଭିତରେ ପାହାଡ଼ଟିଏ । ପାହାଡ଼ ତଳେ ଝରଣାଟିଏ । ଝରଝର କରି ବହିଯାଉଥାଏ । ଝଲମଲ ପାଣି । ମାଛମାନେ ଫକଫକ ଡିଆଁଡେଇଁ କରୁଥା'ନ୍ତି । ଛେଳିଟିଏ ଝରଣା ପାଖରେ ଯାଉଥିଲା ।




ଛେଳି ଝଲମଲ ପାଣିକୁ ଦେଖିଲା । ଗାଧୋଇବା ପାଇଁ ତା'ର ମନ ହେଲା । ସେ ପାଣି ଭିତରକୁ ଡେଇଁ ପଡ଼ିଲା । ମାଛ ଦେହରେ ତା' ଗୋଡ଼ ବାଜିଗଲା । ମାଛଟି ରାଗରେ ଗରଗର ହୋଇ ଛେଳିର ଗୋଡ଼କୁ କାମୁଡ଼ି ଦେଲା ।



ଛେଳିର ଦେହ ଝିମ୍‌ଝିମ୍ ହୋଇଗଲା । ସେ ଭୟରେ ପାଣିରୁ ବାହାରି ପଳାଇଗଲା । ସେହି ଦିନଠାରୁ ଛେଳି ପାଣି ଭିତରକୁ ଯାଏ ନାହିଁ ।

## ଅଭ୍ୟାସ

### ୧. ଛବି ଦେଖି କହିବା ।



ମାଛ



ମୟୂର



ଝରକା



ଝରଣା



ଗଛ



ବଗ

୨. ମଟର ଗରା ଝରକା ପର ଝୁମୁକା ମଗର ଉପରେ ଲେଖାଯାଇଥିବା ଶବ୍ଦଗୁଡ଼ିକର-

'ମ' ଅକ୍ଷର ତଳେ (___) ଦେବା ।

'ର' ଅକ୍ଷରକୁ (○) ବୁଲାଇବା ।

'ଗ' ଅକ୍ଷର ଚାରିପଟେ (▭) କରିବା ।

'ଝ' ଅକ୍ଷର ଚାରିପଟେ (△) କରିବା ।

୩. ଶବ୍ଦରେ ଥିବା ଅକ୍ଷର ସହ ତଳ କୋଠରିରେ ଥିବା ସମାନ ଅକ୍ଷରକୁ ଗାର ଟାଣି ଯୋଡ଼ିବା ।

ମକା ଗଛ ବଗ ଅରଟ ମାଛ ଝାଡୁ

| | | | |
|---|---|---|---|
| ମ | ର | ଗ | ଝ |

୪. କ) ତୁମ ଘର ପାଖରେ କେଉଁ ଗଛସବୁ ଅଛି କହିବା ।

ଖ) ବଣରେ କେଉଁ ଗଛସବୁ ଥାଏ କହିବା ।

୫. ପାଠ-୩ର ପ୍ରଥମ ଛବି ଦେଖି କହିବା ।

- ଛେଳି କେତୋଟି ?
- ବଡ଼ ମାଛ କେତୋଟି ?
- ସାନ ମାଛ କେତୋଟି ?
- ପାଣିରେ ମୋଟ ମାଛ କେତୋଟି ଅଛନ୍ତି ?


୬. ଆସ ଛବି କରିବା ।

ଦୁଇଟି ବଡ଼ ମାଛର ଛବି


ତିନୋଟି ସାନ ମାଛର ଛବି

୭. ଆସ ରଙ୍ଗ କରିବା ।


ବଲ୍‌କୁ ନାଲି ରଙ୍ଗ ଦେବା । କେତୋଟି ବଲ୍ ଗଣି କହିବା ।





ଗୋଟିଏ ମାଛକୁ ହଳଦିଆ ରଙ୍ଗ ଦେବା ।




୮. ପ୍ରତ୍ୟେକ ଗୋଲେଇ ଭିତରେ ଗୋଟିଏ ଅକ୍ଷର ଓ କେତେଗୁଡ଼ିଏ ଛବି ଅଛି । ଯେଉଁ ଛବିର ନାମରେ ସେହି ଅକ୍ଷର ଅଛି ସେହି ଛବିକୁ ଅକ୍ଷର ସହ ଗାର ଟାଣି ଯୋଡ଼ିବା ।





୯. କ) ଆଗକୁ ବଢ଼ାଇବା ।



ଖ)





ବେଙ୍ଗ କିପରି ଝିଣ୍ଟିକାକୁ ଖାଇବାକୁ ଯିବ ଦେଖାଇବା ।
ଯେପରି



ଗ) ଡାଲାରେ ଯେତେ ପାରିବା, କମଳାର ଚିତ୍ର କରିବା ।




## ୧୦. କହିଲ ଦେଖି...

କ) ଛେଳିର ଗୋଡ଼ ମାଛ ଦେହରେ ବାଜିଲା ପରେ ଛେଳି କ'ଣ କହିଥିବ ?

ଖ) ଛେଳି ପାଣିରେ ପଶିଲା ପରେ ବଡ଼ ମାଛମାନେ ସାନ ମାଛଙ୍କୁ କ'ଣ କହିଥିବେ ?

୧୧. ଛବି ଦେଖି କହିବା - କିଏ ବଡ଼ କିଏ ସାନ ?



୧୨.




ଉପରେ ଥିବା ଛବି ଦେଖିବା । ତା' ବିଷୟରେ କହିବା ।

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଗପଟିକୁ ଚିତ୍ର ସହିତ ୨/୩ ଥର ପାଠ କରାଇ ଧାଡ଼ି, ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କାମ କରାଯିବ।
- ଅଭ୍ୟାସ କାର୍ଯ୍ୟରେ ସୂଚନା ବୁଝିବାରେ ଯେଉଁଠି ପିଲାଙ୍କ ଅସୁବିଧା ହେବ ସେଠି ଶିକ୍ଷକ ସୂଚନା ପଢ଼ି ବୁଝାଇଦେବେ।
- ଏହି ପାଠଟିର ପରିଚାଳନା କଲାବେଳେ ଚିତ୍ରଗୁଡ଼ିକ ଉପରେ ଆଲୋଚନା ଆବଶ୍ୟକ।
- ଅଭ୍ୟାସ କାର୍ଯ୍ୟ ୮ ଓ ୧୦ରେ ଦିଆଯାଇଥିବା କାର୍ଯ୍ୟ ପରି ଆହୁରି ଅଧିକା କାମ କରାଯାଇପାରିବ।
- ଅଭ୍ୟାସ କାର୍ଯ୍ୟ ୧୧ କାମ ସହ ଶ୍ରେଣୀ କୋଠରି, ବିଦ୍ୟାଳୟ ହତା, ଆଖପାଖ ଜିନିଷକୁ ନେଇ କିଏ ବଡ଼ - କିଏ ସାନ ବିଷୟରେ କାମ କରାଯିବା ଆବଶ୍ୟକ।
- ଅଭ୍ୟାସ କାର୍ଯ୍ୟ ୧୨ ରେ ପ୍ରତ୍ୟେକ ପିଲା ଅତି କମ୍‌ରେ ୪/୫ଟି ବାକ୍ୟ କହିବା ଆବଶ୍ୟକ।
- ଏହି ପାଠ ପାଇଁ ଅନ୍ୟୁନ ୨୭ଟି ପିରିଅଡ଼ ରହିବ। ଏହି ପାଠରୁ କଥୋପକଥନ, ସରଳ ପ୍ରଶ୍ନର ଉତ୍ତର ଦେବା, ଛବି ଦେଖି କହିବା, ମ, ର, ଗ, ଝ ଚିହ୍ନିବା ଓ ପଢ଼ିବା, ୧ ରୁ ୯ ଯାଏଁ ଗଣିବା, ନିଜ ପରିବେଶରେ ଥିବା ବଣ, ପାହାଡ଼, ନଈ, ଝରଣା ଓ ଗଛର ଧାରଣା, ପ୍ରାକ୍ ଲିଖନ (ବିଭିନ୍ନ ଆକୃତି), ବଡ଼-ସାନ ଚିହ୍ନିବା, ବିଭିନ୍ନ ରଙ୍ଗ ବିଷୟରେ ଧାରଣା ଇତ୍ୟାଦିର ବିକାଶ ହେବାର ସୁଯୋଗ ରହିଛି।

ପାଠ-୪

# ରଜଦୋଳି



# ଅଭ୍ୟାସ

୧. ଛବି ଦେଖି ଶବ୍ଦଗୁଡ଼ିକୁ ପଢ଼ିବା ।



କଦଳୀ



କମଳା



କାନ



ପଗଡ଼ି



ପର



ପଇଡ଼



ନଖ



ନଟୁ



ନଳ

୨. କର   କଟକ   ଚଷମା   କମଳା

(ଶବ୍ଦରେ ଥିବା 'କ' ଅକ୍ଷରରେ '○' ବୁଲାଇବା)


ମଗର   ନଟ   ନର   ନଳ

(ଶବ୍ଦରେ ଥିବା 'ନ' ଅକ୍ଷରରେ '□' ଦେବା)

ପର   ପଟ   ପଇଡ଼   ପଇସା

(ଶବ୍ଦରେ ଥିବା 'ପ' ଅକ୍ଷରରେ '△' ଦେବା)

୩.



ପ୍ରଶ୍ନ ୨ ର କାମରୁ ଗଣି ଯେଉଁଟି ଯେତୋଟି ହେଲା ତା'ଭିତରେ ସେତୋଟି ଗାର ପକାଇବା ।

୪. ଶବ୍ଦ ସହ ଠିକ ଚିତ୍ରକୁ ଗାର ଟାଣି ଯୋଡ଼ିବା ।

ମଟର


ଚଟ

ଟଗର


ମଗ



୫. ପ୍ରତି ଧାଡ଼ିର ପ୍ରଥମ ଘରେ ଗୋଟିଏ ଲେଖାଏଁ ଅଙ୍ଗର ଛବି ଅଛି । ସେହି ଅଙ୍ଗର କାର୍ଯ୍ୟ ସହିତ ସେହି ଧାଡ଼ିରେ ଥିବା ଯେଉଁ ଚିତ୍ରଗୁଡ଼ିକର ସମ୍ପର୍କ ଅଛି ସେଗୁଡ଼ିକରେ '✓' ଚିହ୍ନ ଦେବା ।



୬. ଆସ ରଙ୍ଗ ଭରିବା ।




ବେଲୁନ୍ ଭିତରେ ଥିବା -


- ପତ୍ରରେ ସବୁଜ ରଙ୍ଗ ଦେବା ।
- ବଲ୍‌ରେ ହଳଦିଆ ରଙ୍ଗ ଦେବା ।
- ଦିଆସିଲିରେ କଳା ରଙ୍ଗ ଦେବା ।
- ଜୋକର ଟୋପିରେ ନାଲି ରଙ୍ଗ ଦେବା ।
- ପେନ୍‌ସିଲ୍‌ରେ ନୀଳ ରଙ୍ଗ ଦେବା ।


୭. ଆସ ଆମେ ବି ଏହିପରି ଲେଖିବା ।


୧ ୧ ୧ ୧



୨ ୨ ୨ ୨



୩ ୩ ୩ ୩



୪ ୪ ୪ ୪


୫ ୫ ୫ ୫

୮. ଆସ ଲେଖିବା ।


ଚକ ଚକ ଚକ ଚକ ଚକ


ଅରଟ ଅରଟ ଅରଟ ଅରଟ


ଚଟ ଚଟ ଚଟ ଚଟ ଚଟ

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- 'ରଜଦୋଳି' ପାଠର ଚିତ୍ର ପିଲାଏ ନିଜନିଜ ମଧ୍ୟରେ କଥାବାର୍ତ୍ତା ହୋଇ ଦେଖିବେ।

  ପ୍ରତ୍ୟେକ ପିଲା ଚିତ୍ରରେ କ'ଣ ଦେଖିଲେ କହିବେ।

- ଶିକ୍ଷକ ପାଠର ଚିତ୍ର ସମ୍ପର୍କିତ କିଛି ପ୍ରଶ୍ନ ନେଇ ଆଲୋଚନା କରିବେ ।

- 'ରଜଦୋଳି' ଖେଳ ପରି ନିଜ ଅଞ୍ଚଳରେ ଆଉ କେଉଁସବୁ ଖେଳ ହୁଏ ? ସେହିସବୁ ଖେଳ ଉପରେ ମଧ୍ୟ ଆଲୋଚନା ହେବ।

- ପ୍ରତ୍ୟେକ ପିଲା ହାତର ଗୋଟିଏ କାମ ଅଭିନୟ କରି ଦେଖାଇବେ। ଅନ୍ୟମାନେ ଦେଖିବେ। ଶିକ୍ଷକ ଅନ୍ୟ ପିଲାଙ୍କୁ କ'ଣ କାମ ହେଲା ପଚାରିବେ।

  ଏହାପରେ ଶିକ୍ଷକ ଶରୀରର ଅନ୍ୟ ବାହ୍ୟ ଅଙ୍ଗଗୁଡ଼ିକର ନାମ କହି ଚାଲିବେ। ପ୍ରତ୍ୟେକ ପିଲା ଅଙ୍ଗଗୁଡ଼ିକ ଦେଖାଇବେ। ଯାହାକୁ ପଚରାଯିବ ସେହି ଅଙ୍ଗର କାର୍ଯ୍ୟ ସେ କହିବ।

- ଅଭ୍ୟାସ କାର୍ଯ୍ୟ ୭ ଓ ୮ର କାମ ସହ ବାଲି, କରତ ଗୁଣ୍ଡ, ଚକ୍‌ରେ ତଳେ, କଳାପଟା ଓ ସିଲଟ ଇତ୍ୟାଦିରେ ସଂପୃକ୍ତ ଅକ୍ଷର ଓ ସଂଖ୍ୟା ଲେଖିବା କାମର ଅଭ୍ୟାସ କରାଯିବା ଦରକାର।

- ୧୬ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ ଚିତ୍ର ପଠନ, ସରଳ ପ୍ରଶ୍ନର ଉତ୍ତର ଦେବା, ବିଭିନ୍ନ ବସ୍ତୁ ଚିହ୍ନିବା, କ, ନ ଓ ପ ଅକ୍ଷର ଚିହ୍ନିବା ଓ ପଢ଼ିବା, ଚ ଓ ଟ ଅକ୍ଷର ଲେଖିବା, ୧ ରୁ ୫ ସଂକେତ ଚିହ୍ନିବା ଓ ଲେଖିବା, ଶରୀରର ବାହ୍ୟ ଅଙ୍ଗର ନାମ ଓ କାର୍ଯ୍ୟ କହିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

ପାଠ-୫

# ଠୋ ଠା

ବବ୍‌ଲୁ ବବ୍‌ଲି ଛାଡ଼ିଲେ ଡାକ
ବେଲୁନ୍ ବାଲା ବେଲୁନ୍ ବାଲା
ବେଲୁନ୍ ଦେଇ ଯା’
ନାଲିଆ ନେଳି ଭଳିକି ଭଳି ବେଲୁନ୍ ଦେଇ ଯା’ ।





ବବ୍‌ଲୁ ବବ୍‌ଲି ଖେଳିଲେ ଖେଳ
ବେଲୁନ୍ ଧରି କରିଲେ ଗେଲ
ଆଠଟି ବେଲୁନ୍ ଏକାଠି ଯୋଡ଼ି
ଦେଲେ ଛାଡ଼ି ଗଲା ଆକାଶେ ଉଡ଼ି
ବେଲୁନ୍ ଫାଟିଲା ଠୋ ଠା
ବବ୍‌ଲୁ ବବ୍‌ଲି ହାଃ ହାଃ..... ।

# ଅଭ୍ୟାସ

୧. ଛବି ଦେଖି ଶବ୍ଦଗୁଡ଼ିକୁ ପଢ଼ିବା ।



ବଗ




ବତକ




ବହି



ଡାଳ



ନଳ



ଓଠ



ଆତ



ଆଖି



ପିଆଜ



ଚପଲ



ଫୁଲ



କଲମ


୨. କହିଲ ଦେଖି...

- ବବ୍‌ଲୁ ବବ୍‌ଲି କ'ଣ କହିଲେ ?
- କିଏ କିଏ ବେଲୁନ୍‌ବାଲାକୁ ବେଲୁନ୍ ଦେବାକୁ କହିଲେ ?
- ବବ୍‌ଲୁ ବବ୍‌ଲି ବେଲୁନ୍ ଧରି କ'ଣ କଲେ ?
- କେତୋଟି ବେଲୁନ୍ ଧରି ଆକାଶକୁ ଛାଡ଼ିଦେଲେ ?

୩. ପ୍ରଶ୍ନ ୧ର ଛବିଗୁଡ଼ିକ ଭିତରୁ କେଉଁଗୁଡ଼ିକ ଗୋଲାକାର ଓ କେଉଁଗୁଡ଼ିକ ଲମ୍ବାଳିଆ କହିବା ।

୪.(କ) 'ବ' ଅକ୍ଷରକୁ ବଗ ତା'ଥଣ୍ଟରେ ଛୁଇଁବ ।

ବଥ ବଳଦ ବଟ



ବନ ଚଟ

ଖଟ ବଳ

(ଖ) 'ଲ' ଅକ୍ଷରକୁ ଲତା ଯାଇ ଛୁଇଁବ ।

ଦାଆ

ଢୋଲ



ମଲମ

ବଳଦ

ଫଳ

ଚପଲ


(ଗ) 'ଳ' ଅକ୍ଷର ଯେଉଁଠି ଅଛି ତା' ତଳେ ଗାର ଦେବା ।

ସଳଖ, ବଳଦ, କଳ, ଫଳ, ମାଳ, କଲମ, ବଳ

(ଘ) 'ଆ' ଥିବା ଶବ୍ଦ ଚାରିପଟେ '◯' ବୁଲାଇବା ।


ଠେକୁଆ, ଅଟା, ଚଟ, ଆଖୁ, ଆତ, ବଳ

୫. ତଳ ଚିତ୍ରଗୁଡ଼ିକରେ ଯେଉଁଠି ବ, ଠ, ଆ, ଲ, ଳ ଅକ୍ଷର ଅଛି, ସେହି ଚିତ୍ରଗୁଡ଼ିକୁ ସଂପର୍କିତ ଅକ୍ଷର ସହ ଗାରଟାଣି ଦେଖାଇବା ।



୬. ବାଜା ଶୁଣିବା, ଖଟେଇ ହେବା, ଧୂପବାସ୍ନା ଶୁଙ୍ଘିବା, ବଲ୍ ଖେଳିବା, ଛବି ଆଙ୍କିବା, ବାଘ ଦେଖିବା - ଏହି କାମ ଗୁଡ଼ିକରୁ କେଉଁ କାମ କେଉଁ ଅଙ୍ଗଦ୍ୱାରା କରିବା ?

୭. କେଉଁ ସବୁ ଜିନିଷ ସହ ହାତର ସମ୍ପର୍କ ଅଛି ?



୮. କହିବା - ତମେ ହାତରେ କି କି କାମ କର ?

୯. ଆଠଟି ବେଲୁନ୍ ଛବି କରି ଗୋଟିକୁ ନାଲି ଓ ତା' ପାଖଟିକୁ ନୀଳ ରଙ୍ଗ ଦେବା । ଏହିପରି ଭାବେ ଆଠଟି ଯାକ ବେଲୁନ୍‌କୁ ରଙ୍ଗ ଦେବା ।

୧୦. ଆସ ଆଙ୍ଗୁଠି ଛାପରୁ ଛବି କରିବା ।

## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଗୀତଟିକୁ ଅଭିନୟ କରି ଶିକ୍ଷକ ଓ ପିଲାମାନେ ୩/୪ ଥର ଆବୃତ୍ତି କରିବେ। ପଦ, ପଦରୁ ଧାଡ଼ି, ଧାଡ଼ିରୁ ଅଧା ଧାଡ଼ି, ଅଧା ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କରାଯିବ।

- ଅଭ୍ୟାସ କାର୍ଯ୍ୟ ୭କୁ ହାତ ଗୋଡ଼ ଛଡ଼ା ଅନ୍ୟ ଅଙ୍ଗ ସମ୍ପର୍କିତ ଜିନିଷର ନାମ ଶିକ୍ଷକ ପଚାରିବେ ଓ ସେହି ଅଙ୍ଗର ଗୋଟିଏ କାର୍ଯ୍ୟ ପାଇଁ ସୂଚନା ଦେବେ।

- ଅଭ୍ୟାସ କାର୍ଯ୍ୟ ୮ ପାଇଁ ପ୍ରତ୍ୟେକ ପିଲା ଗୋଟିଏ ଲେଖାଏଁ କାମ ବିଷୟରେ କହିବେ। (ପୁନରାବୃତ୍ତି ନ କରି)

- ଅଭ୍ୟାସ କାର୍ଯ୍ୟ ୧୦ରେ ବିଭିନ୍ନ ଆଙ୍ଗୁଠିରେ କାଳି ଲଗାଇ ଯେତେ ସମ୍ଭବ ଅଧିକ ପ୍ରକାରର ଛବି ପ୍ରସ୍ତୁତ କରାଇବେ।

- ଅଭ୍ୟାସ କାର୍ଯ୍ୟ ୪ର କ, ଖ ଓ ଗ ର କାମ ପାଇଁ

  ୧) ସେହି କାମ ଭିତରେ ଅନ୍ୟ ଶବ୍ଦ ନେଇ ମଧ୍ୟ ସମ୍ପୃକ୍ତ ଅକ୍ଷର ଚିହ୍ନିବା କାମ କରାଇବା ଆବଶ୍ୟକ।

  ୨) ଏଥିପାଇଁ ଚିତ୍ର କାର୍ଡ଼, ଅକ୍ଷର କାର୍ଡ଼ ପ୍ରସ୍ତୁତ କରି ଏହିପରି କାମ କରାଇବା ମଧ୍ୟ ଆବଶ୍ୟକ।

- ୨୫ ପିରିଅଡ଼ର ଏହି ପାଠରେ ଲ, ଳ, ବ, ଠ, ଆ ଅକ୍ଷର ଚିହ୍ନିବା ଓ ପଢ଼ିବା, ଆବୃତ୍ତି କରିବା, ବାହ୍ୟଅଙ୍ଗ ଚିହ୍ନିବା ଓ ସେମାନଙ୍କ କାର୍ଯ୍ୟ କହିବା, ୧ ରୁ ୯ ଯାଏ ଗଣିବା, ସୂଚନା ବୁଝି ସରଳ ବାକ୍ୟରେ ନିଜ ଭାବକୁ ପ୍ରକାଶ କରିବା, ବିଭିନ୍ନ ଆକୃତିକୁ ଚିହ୍ନିବା, ବିଭିନ୍ନ ଚିତ୍ର ଆଙ୍କିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

ପାଠ-୬

# କହିଲ ଦେଖି

ପାକୁଆ ପାଟିଟି ଅଟେ ମୋହର
ବାଳ ଧଳା ହୋଇ ଗଲାଣି ମୋର ।
ରୀମା, ସୀମା ମୋର ପୁଅର ଝିଅ
କ'ଣ କହି ମୋତେ ଡାକିବେ କହ ।






ଜେଜେ ଡାକିଦେଲେ ରୀମା, ସୀମାଙ୍କୁ
କଥାଏ ପଚାରେ ଆସ ପାଖକୁ ।
ଧରମା ତମର ବାପାର ଭାଇ
ତାକୁ କ'ଣ ଡାକ ଦିଅ ବତାଇ ।

ଜେଜେ ଡାକିଦେଲେ ପୁଣି ପାଖକୁ
ଜନମ ଦେଇଛି ଯିଏ ତୁମକୁ ।
କ'ଣ କହି ତୁମେ ତାହାକୁ ଡାକ
ଯିଏ ଜାଣ ଆଗ ହାତଟି ଟେକ ।

ମାଆର ଭଉଣୀ, ମାଆର ଭାଇ
ଡାକ ତୁମେ ତାକୁ କଅଣ କହି ।
ତାଙ୍କ ବାପା ମାଆ ତୁମର କ'ଣ
ଯିଏ କହିବ ସେ ସୁନାଟି ଜାଣ ।



# ଅଭ୍ୟାସ

୧. ପଢ଼ିବା -

ରାମର ବାପା କମଳ,
କନକର ବାପା କମଳ ।



୨. କହିବା -

ରାମ କନକର କ'ଣ ହେବ ?

୩. ପଢ଼ିବା -

ରାମର ମାଆ କମଳା,
କନକର ମାଆ କମଳା ।





୪. କହିବା - କନକ ରାମର କ'ଣ ହେବ ?

୫. ଶିକ୍ଷକ ଆଲୋଚନା କରିବେ -

- ତୁମ ଘରେ କିଏ ସବୁ ରହନ୍ତି ?
- ତୁମ ବାପାଙ୍କ ମା'ଙ୍କୁ କ'ଣ କହିବ ?
- ତୁମ ପଡ଼ୋଶୀ ଘରେ କିଏ ସବୁ ରହନ୍ତି ?
- ତୁମର ଜଣେ ସାଙ୍ଗର ନାମ କହ। ତାଙ୍କ ଘରେ କିଏ ସବୁ ରହନ୍ତି କହ।

୬. ପଢ଼ିବା ଓ 'ଅ' ତଳେ ଗାର ଦେବା ।



ଅରଟ    ଅଖ    ଅରଖ    ଅସରପା

୭. ଶବ୍ଦର 'ଅ' ଅକ୍ଷର ସହିତ ତଳେଥିବା 'ଅ'କୁ ଗାରଟାଣି ଯୋଡ଼ିବା ।

ଅମର    ଅଜା    ଅଟା    ଅଠା    ଅଳପ    ଅନେକ


ଅ

୮. 'ଆ'କାର ଲାଗିଥିବା ଅକ୍ଷରକୁ ଗାର ଟାଣି ଟୋକେଇକୁ ଆଣିବା ।

ବାଟ

ଗାର

ଚକ



ବଟ    କାଚ    ମକା    ଝାଳ


୯. କ) କେତୋଟି ଫୁଲ କୁଣ୍ଡ ଅଛି ଗଣି କହିବା ।

ଖ) କେଉଁ କୁଣ୍ଡରେ କେତୋଟି ଫୁଲ ଅଛି ଗଣି ତା'ତଳେ ଲେଖିବା ।

ଗ) ମୋଟ କେତୋଟି ଫୁଲ ଅଛି ଗଣି କହିବା ।



୧୦. ସମାନ ସମାନ ସଂଖ୍ୟକ ଛବିକୁ ଗଣି ଗାର ଟାଣି ଯୋଡ଼ିବା ।



## ୧୧. ସଂଖ୍ୟାକୁ ଦେଖି ସେହିପରି ଲେଖିବା ।

୬ ୬ ୬ ୬

୭ ୭ ୭ ୭

୮ ୮ ୮ ୮

୯ ୯ ୯ ୯

## ୧୨. କହିବା – ତୁମ ଘରେ କିଏ କେଉଁ କାମ କରନ୍ତି ?

## ୧୩. ପଢ଼ିବା -

| | | |
|---|---|---|
| ନଟ | ଚଟ | ବଟ |
| ପର | ବର | ନର |
| ଟଗର | ନଗର | ରବର |

## ୧୪. ଲେଖିବା -



ନଖ ନଖ



ପର ପର



ବନ ବନ


## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ପାଠଟି ଦୁଇ / ତିନି ଥର ଚିତ୍ର ଦେଖି ପଢ଼ାଯିବ।
- ପୂର୍ବ ପରି (ଅନ୍ୟ ଗୀତ ପଢ଼ାଇବା ପରି) ଅ, ଖ, ନ, ବ, ର ଓ 'ଆ'କାର ଚିହ୍ନଟ ହେବ।
- ଅଭ୍ୟାସ ୧ ର କାମ ପରେ ଶିକ୍ଷକ ୨ର ପ୍ରଶ୍ନ ପଚାରିବେ, ଅନ୍ୟମାନଙ୍କ ସହ ସମ୍ପର୍କ ସମ୍ବନ୍ଧରେ ଆଲୋଚନା କରିବେ ।
- ଅଭ୍ୟାସ ୧୨ର କାମ ସହ"ତୁମ ଗାଁର ଲୋକମାନେ କେଉଁସବୁ କାମ କରନ୍ତି" ଆଲୋଚନା କରାଯିବ।
- ଅଭ୍ୟାସ ୧୪ର କାମ ପରି ତଳେ ଚକ୍‌ରେ, ବାଲିରେ ଓ ସିଲଟରେ ଏହିପରି ଲେଖିବା ଆବଶ୍ୟକ।
- ୨୮ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ - ଅ, ଖ, ନ, ବ, ର ଓ 'ଆ'କାର ଚିହ୍ନିବା, ପଢ଼ିବା, ଲେଖିବା, ବିଭିନ୍ନ ସମ୍ପର୍କ ଦର୍ଶାଇବା, କିଏ କେଉଁକାମ କରେ ଦର୍ଶାଇବା, ୧ ରୁ ୨୦ ପର୍ଯ୍ୟନ୍ତ ଗଣିବା, ସଂଖ୍ୟା ମେଳ କରି ସମାନ ସମାନ ପରିମାଣ ଦର୍ଶାଇବା, ୬ରୁ ୯ ପର୍ଯ୍ୟନ୍ତ ସଂଖ୍ୟା ସଂକେତ ଲେଖିବା ଇତ୍ୟାଦି ଦକ୍ଷତା ବିକାଶ ହେବା ଆବଶ୍ୟକ।

ପାଠ-୭

# ମୁନି ଯାଇଥିଲା ହାଟକୁ


ମୁନି ଛଅ ସାତ ବରଷର ଝିଅଟିଏ । ଦିନେ ସଅଳ ସଅଳ ପାଠଶାଳା ଯିବାପାଇଁ ବାହାରିଲା । ଅଳପ ଦୂରରେ ହାଟ । ଭାବିଲା, ଟିକିଏ ବୁଲି ଆସନ୍ତା କି ? ହାଟକୁ ଗଲା । ହାଟରେ ସେ କ'ଣ ଦେଖିଲା ?



# ଅଭ୍ୟାସ

୧. ଆସ ଛବି ଦେଖି କହିବା ।


କରତ



ହାତ



ତାଳ



କଦଳୀ


ଦାଆ


ଦଉଡ଼ି


ପଣସ


ରସୁଣ


ବାଇଗଣ


ଛତା


ଛତୁ



ମାଛ

## ୨. ଆସ ଲେଖିବା ।


| | | | | | | | | |
|---|---|---|---|---|---|---|---|---|
| • | • • | • • • | • •<br>• • | • • •<br>• • | • • •<br>• • • | • • • •<br>• • • | • • • •<br>• • • • | • • • • •<br>• • • • |
| | | | | | | | | |
| ୧ | | | ୪ | | | | ୮ | |

## ୩. ଛବି ଭିତରେ ଥିବା ଅକ୍ଷର, ତଳ ଶବ୍ଦଗୁଡ଼ିକରେ ଯେଉଁଠି ଅଛି, ତା' ଚାରି ପାଖରେ ଗୋଲ୍ ବୁଲାଇବା ।













| | | | | | |
|---|---|---|---|---|---|
| ଗଛ | ଦାଆ | ଛତା | ମାଣ | ତବଲା | ଗପ |
| ଆଠ | ଚକ | ଛକ | ନଟ | ପତର | ବଣ |
| ଗଧ | ବଳଦ | ଘର | ଚଣା | କଳ | ବଗ |


## ୪. ଛବି ଦେଖି ପଢ଼ିବା ଓ ଖାଲି ସ୍ଥାନରେ ଲେଖିବା ।



କଉ




____ଉ



____ସରପା



ପର



ପା____



ମ____



____ନ




____କ


### ପଢ଼ିବା -

| | | | |
|---|---|---|---|
| ମକା | ଚାର | ଚାଟ | ପାନ |
| ଚକା | ଗାର | ବାଟ | କାନ |
| କକା | ବାର | ନାଟ | ନାକ |
| କାକର | ଆଡାର | ଅକଲ | କାକରା |
| ଚାକର | ଆକାର | ନକଲ | ଟାକରା |


୫. ଖାଲି ଜାଗା ପୂରଣ କରିବା ।




୫ଟି ଚଢ଼େଇ




——ଟି କଲମ



——ଟି ବେଲୁନ୍



——ଟି ଫୁଲ



——ଟି ବାଇଗଣ



——ଟି କଲରା

୬. ଅକ୍ଷରକୁ ଦେଖି ସେହିପରି ଲେଖିବା ।

ଆ ଆ

ଆ ଆ

ମ ମ

ମ ମ

କ କ

କ କ

ଅ ଅ

ଅ ଅ

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- 'ମୁନି ଯାଇଥିଲା ହାଟକୁ' ପାଠଟିକୁ ଶିକ୍ଷକ ଓ ପିଲା ମିଶିକରି ପଢ଼ିବେ।

  ତତ୍‌ପରେ ପିଲାମାନେ ଚିତ୍ରକୁ ମନୋଯୋଗ ସହ ଦେଖିବେ।

- ତା'ପରେ କିଛି ସାଧାରଣ ପ୍ରଶ୍ନ ଯଥା- ତୁମ ଗାଁରେ / ତୁମ ଗାଁ ପାଖରେ ହାଟ କେବେ ବସେ ? କେଉଁଠି ବସେ ? ହାଟ ବସିବାରୁ ତୁମର କ'ଣ ଲାଭ ହୁଏ ? ହାଟ ଆମକୁ କିପରି ସାହାଯ୍ୟ କରେ ଆଲୋଚନା ହେବ।

- ହାଟରେ କ'ଣ ସବୁ ମିଳେ - ଚିତ୍ର ଦେଖି ଓ ନିଜ ମନରୁ କହିବା ପାଇଁ ଶିକ୍ଷକ ସୂଚନା ଦେବେ।

- ପିଲାମାନେ କହିଥିବା ନାମଗୁଡ଼ିକ ଲେଖା ହେବ ଓ ତା'ମଧ୍ୟରୁ ଗ, ଦ, ଣ, ଛ ଇତ୍ୟାଦି ଅକ୍ଷର ବିଶିଷ୍ଟ ଶବ୍ଦରୁ ସମ୍ପୃକ୍ତ ଅକ୍ଷର କହିବା ଓ ପଢ଼ିବା କାମ ହେବ।

- ହାଟରେ ମିଳୁଥିବା ହାଣ୍ଡିମାଠିଆ, ଦାଆ, ଲୁଗା, ପାଛିଆ / ବାଉଁଶ ତିଆରି ଝୁଡ଼ି ଇତ୍ୟାଦି କିଏ ତିଆରି କରନ୍ତି, ଘରେ ଓ ଗାଁରେ ପଚାରି ବୁଝିବା କାମ ଦିଆଯିବ।

- ଅଭ୍ୟାସ ୬ର କାମ ସହିତ ସେହି ଅକ୍ଷରଗୁଡ଼ିକ ଚକ୍, ବାଲି, କରତଗୁଣ୍ଡ ଇତ୍ୟାଦିରେ ଲେଖାଇବା ଓ ଅଭ୍ୟାସ କରାଇବା ଆବଶ୍ୟକ।

- ଅଭ୍ୟାସ ୨ର କାମ ପରେ ୯ରୁ ୧ ପର୍ଯ୍ୟନ୍ତ ଲେଖିବା ଓ ସଂଖ୍ୟା ଅନୁଯାୟୀ ଚିତ୍ର ଆଙ୍କିବା କାମ ଦେବା ଆବଶ୍ୟକ।

- ୨୯ ପିରିଅଡ଼୍‌ର ଏହି ପାଠରୁ ଶିକ୍ଷାର୍ଥୀଙ୍କ- ଗ, ଛ, ଣ, ତ, ଦ ଅକ୍ଷର ଚିହ୍ନିବା ଓ ପଢ଼ିବା, ଅ, ଆ, କ, ମ, ଆ-କାର ( ା ) ବିଶିଷ୍ଟ ଶବ୍ଦ ଲେଖିବା, ୧ରୁ ୯ ଓ ୯ ରୁ ୧ କ୍ରମରେ ଲେଖିବା, ଯୋଗଫଳ ୯ ମଧ୍ୟରେ ୨ଟି ସଂଖ୍ୟାର ଯୋଗ କରିବା ଓ ହାଟ ବିଷୟରେ ବର୍ଣ୍ଣନା କରିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

  ଆମେ ଏ ପର୍ଯ୍ୟନ୍ତ ଚ, ଟ, ମ, ର, ଗ, ଝ, କ, ନ, ପ, ଆ, ଠ, ବ, ଳ, ଲ, ଅ, ଖ, ଛ, ଣ, ତ, ଦ, ଅକ୍ଷରଗୁଡ଼ିକ ଶିଖିଲେ।

  ଓଡ଼ିଆ ବର୍ଣ୍ଣମାଳାରେ ଏହି ଅକ୍ଷରଗୁଡ଼ିକ ଅ, ଆ, କ, ଖ, ଗ, ଚ, ଛ, ଝ, ଟ, ଠ, ଣ, ତ, ଦ, ନ, ପ, ବ, ମ, ର, ଳ, ଲ କ୍ରମରେ ଅଛନ୍ତି।


ପାଠ-୮

# ରାଜାଙ୍କ ଭୋଜି

ବଣର ରାଜା ଭୋଜି ଦେବେ । ସବୁ ପରଜା ରାଜଉଆସରେ ଖାଇବେ । ଡାକରା ପାଇ ଜୀବମାନେ ସଜବାଜ ହୋଇ ବାହାରିଲେ ।



ଭାଲୁ ବଡ଼ ଡାଲାଟିଏ ଧରିଥିଲା । ସେଥିରେ ଧଳାଧଳା ଫୁଲ ସଜା ହୋଇଥାଏ । ହନୁ ଧରିଥାଏ ଗୋଲାପ କଢ଼ । ସବା ପଛରେ ବୁଢ଼ା ଗଧିଆଟି ଢଳିଢଳି ଚାଲୁଥାଏ ।



ଡବାରେ ଖାଇବା ଦରବ ଥାଏ । ଢାଙ୍କୁଣୀ ଖୋଲି ଦିଆଗଲା। ଉଆସରେ ଜୀବମାନେ ଧାଡ଼ିହୋଇ ବସିଗଲେ । କେତେଜଣ ଡଙ୍କି ଧରି ପରଷିଲେ ।



ସବା ଶେଷକୁ ବିଲୁଆ ଆସିଲା । ପିଢ଼ା ପକାଇ ବସିଗଲା । ଭାବିଲା ପେଟେ ଖାଇବ । ଦେଖିଲା ବେଳକୁ ଡବା ଖାଲି ।

## ଅଭ୍ୟାସ


୧. ଆସ କହିବା...

- ରାଜା କ'ଣ ଦେଲେ ?
- ଭାଲୁ କ'ଣ ଧରିଥିଲା ?
- ବିଲୁଆ କାହା ଉପରେ ବସିଲା ?
- ବିଲୁଆ କ'ଣ ଭାବିଲା ?
- ଶେଷରେ କ'ଣ ହେଲା ?

୨. ଆସ ଛବି ଦେଖି କହିବା ।



ଡାଳ




ଢୋଲ



ଡଙ୍ଗା



ଜଟ



ଜାଲ



ଜିଭ



ଶଗଡ଼



ମାଙ୍କଡ଼




କଢ଼



ଗଧ



ଓଧ



ଧନୁ

ଉପରେ ଥିବା ଶବ୍ଦଗୁଡ଼ିକର ଡ, ଡ଼, ଜ, ଧ, ଢ, ଢ଼ ଅକ୍ଷରଗୁଡ଼ିକୁ ଗୋଲ୍ ବୁଲାଇବା ।

୩. ଛବି ସହ ମିଳାଇ ପଢ଼ିବା ।



ର





ଜଳ



ଧର



ଛପର କର

୪. ଡ, ଢ଼, ଧ, ଜ ଅକ୍ଷର ଯେଉଁ ଶବ୍ଦରେ ଅଛି ବାଛି, ତା'ତଳେ ଗାର ଦେବା ।


ବଗ, ଗଧ, ଧନୁ, ଜିଭ, ଶଗଡ଼, କଢ଼, ଡାଳ, କାଙ୍କଡ଼

୫. କହି ପାରିବା ତ କହିବା ।

କ) ଗୋଟିଏ ଗଛରେ ୫ଟି ଚଢ଼େଇ ଥିଲେ। ତାଳି ମାରିବାରୁ ସବୁ ଚଢ଼େଇ ଉଡ଼ିଗଲେ । ଆଉ କେତୋଟି ଚଢ଼େଇ ରହିଲେ ?

ଖ) କୁନୁ ପାଖରେ ତିନୋଟି ବେଲୁନ୍ ଥିଲା । ତିନୋଟି ଯାକ ବେଲୁନ୍ ଫାଟି ଗଲା । ଆଉ କେତୋଟି ବେଲୁନ୍ ରହିଲା ?

୬. କିଏ କାହା ସହିତ ସମାନ ଗାର ଟାଣି ଯୋଡ଼ିବା ।



୭. ପାଠ ୮ର ଛବି ନଂ.୨ ଦେଖି କହିବା ।


କ) ମାଙ୍କଡ଼ ପାଖରେ କିଏ ବସିଛି ?

ଖ) କେତେଜଣ ଭୋଜି ଖାଉଛନ୍ତି ?


୮. ଛବି ଦେଖି ବାକ୍ସରେ ଲେଖିବା ।




→ [ ୨ ] ଟି ବାଘ



→ [   ] ଟି ହରିଣ



→ [   ] ଟି ମାଙ୍କଡ଼



→ [   ] ଟି ଫୁଲ

୯. ୬ଟି କାଠିର ଚିତ୍ର କରିବା ।

୧୦. ଚାଲ ଲେଖିବା ।



# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା


- ଶିକ୍ଷକ ଗପଟିକୁ ଅଙ୍ଗଭଙ୍ଗୀ କରି ଆବଶ୍ୟକ ଚିତ୍ର ଦେଖାଇ ପିଲାମାନଙ୍କୁ କହିବେ। କହିଲାବେଳେ ପାଠରେ ଥିବା ଚିତ୍ରଗୁଡ଼ିକ ଉପରେ ଆଲୋଚନା କରିବେ। ଗପରୁ ଧାଡ଼ି, ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କରାଇବେ।
- ଅଭ୍ୟାସ କାର୍ଯ୍ୟ ୧ରେ ଯେତିକି ପ୍ରଶ୍ନ ଅଛି ତା'ଛଡ଼ା ଗପ ଉପରେ ଅଧିକା ପ୍ରଶ୍ନ ଦେଇ ଆଲୋଚନା କରିବେ।
- ଅଭ୍ୟାସ କାର୍ଯ୍ୟ ୫ରେ 'ଶୂନ'ର ଧାରଣା ପାଇଁ ମୌଖିକ କାର୍ଯ୍ୟମାନ କରାଇବେ।
- ଅଭ୍ୟାସ କାର୍ଯ୍ୟ ୬ରେ ବସ୍ତୁକୁ ନେଇ ସମାନ (ପରିମାଣ)ର ଧାରଣା ଦେବା ସହିତ ଦୈନନ୍ଦିନ ଜୀବନର ଅନୁଭୂତି ସହିତ ଯୋଡ଼ାଯିବା ଆବଶ୍ୟକ।
- ଅଭ୍ୟାସ କାର୍ଯ୍ୟ ୭ର ଆଲୋଚନା ବେଳେ କେଉଁ ପଶୁ କେଉଁଠି ବସିଛନ୍ତି, କାହା ପାଖରେ କିଏ ବସିଛନ୍ତି ସେ ବିଷୟରେ ଆଲୋଚନା କରାଇବେ।
- ଅଭ୍ୟାସ କାର୍ଯ୍ୟ ୯ପାଇଁ ସିଲଟ, ଖାତା, କାନ୍ଥକଳାପଟାର ବ୍ୟବହାର କରାଯିବ।
- ଏହି ପାଠଟି ପାଇଁ ଅନ୍ୟୂନ ୨୫ଟି ପିରିଅଡ଼ ରହିଛି। ଏହି ପାଠରେ ଜ, ଡ଼, ଡ, ଢ଼, ଢ, ଧ ଅକ୍ଷର ଚିହ୍ନଟ, ଟ, ଳ, ଲ ଲିଖନ, ସମାନ ସଂଖ୍ୟାର ତୁଳନା, '୦'ର ଧାରଣା, ବଣର ଜୀବଜନ୍ତୁମାନଙ୍କ ବିଷୟରେ ଧାରଣା, ଅତିଥିମାନଙ୍କ ସହ ବ୍ୟବହାର ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

ପାଠ-୯

# ସପନି ଅଜାଙ୍କ ସପନ ଦେଖା



ଶୀତ ରାତି । ଉଷୁମ ବିଛଣାରେ ସପନି ଅଜା ଖଟରେ ଶୋଇଥିଲେ । ସପନ ଦେଖିଲେ, ହାତୀଟିଏ ଉଡୁଛି ଆକାଶରେ । ହାତୀଟା ଉଡ଼ି ଉଡ଼ି ଆସି ପଡ଼ିଲା ଶୋଇବାଘର ଉପରେ । ମଡ଼ମଡ଼ ହୋଇ ଘରଟା ଭୁଷୁଡ଼ି ପଡ଼ିଲା ।



ଭୁସ୍ କରି ହାତୀ ଆସି ପଡ଼ିଲା ଅଜାଙ୍କ ଉପରେ। ହାଉଳି ଖାଇ ଉଠିପଡ଼ିଲେ ଅଜା। ସପନ ଭାଙ୍ଗିଗଲା। ଦେଖିଲାବେଳକୁ ଅଜା ପଡ଼ିଥିଲେ ଖଟତଳେ।




## ଅଭ୍ୟାସ


୧. ଆସ ପଢ଼ିବା ।

| | | | | |
|---|---|---|---|---|
| ହାଟ | ଶର | ନବ | ଜପ | ବରଷ |
| ବାଟ | ଆଗ | ଛାତ | ଛତା | ହରଷ |
| ପାଠ | ଶାଗ | କରତ | ଧର | ସରସ |


୨. ଆସ ଛବି କରିବା ।




ସାପ



ଶର



ଚଷମା



ହାତ

୩. ଗଛ ମୂଳରେ ଥିବା ଅକ୍ଷରଗୁଡ଼ିକୁ ଗଛ ଉପରେ ଥିବା ଶବ୍ଦର ଏକାଭଳି ଅକ୍ଷର ସହିତ ଗାର ଟାଣି ଯୋଡ଼ିବା ।




୪. କ) ଛବିକୁ ଦେଖିବା, ସେଗୁଡ଼ିକୁ ସମ୍ପର୍କିତ ଋତୁଚିତ୍ର ସହିତ ଯୋଡ଼ିବା ।




## ଖ) ଆସ କହିବା ।

- ଖରାଦିନେ ଢିଲା ପୋଷାକ ଆମେ କାହିଁକି ପିନ୍ଧୁ ?
- ଶୀତଦିନେ ଗରମ ପୋଷାକ କାହିଁକି ଦରକାର ?
- ବର୍ଷାଦିନେ ଛତା ଓ ବର୍ଷାତି ବ୍ୟବହାର ନ କଲେ କ'ଣ ଅସୁବିଧା ହେବ ?

## ୫. ମିନି ଓ କୁନା ଖେଳୁଥିଲେ ।

| | | | | | | | | | |
|---|---|---|---|---|---|---|---|---|---|
| ମିନି ଚଢ଼ିବା ପାହାଚ | ୧ | | | | | | | | ୯ |
| କୁନା ତଳକୁ ଯିବା ପାହାଚ | ୯ | | | | | | | | ୧ |



୬. ଖାଲି ଜାଗାରେ ସଂଖ୍ୟା ଲେଖିବା ।










୭. ଆସ ଆମେ ଗଣିବା ।















## ୮. ଆମେ ଏପରି ଲେଖିବା ।


୩ଟି  +୨ଟି  =୫ଟି 


୨ଟି  +୧ଟି  =୩ଟି 



୪ଟି  +୨ଟି  =୬ଟି 

## ୯. ଛବି ଦେଖି ଶବ୍ଦ ଲେଖିବା ଓ ସେହିପରି ଛବି କରିବା ।

୧୦. ପଢ଼ିବା ।

ଛକ ବଣ ତର କଳ ନଳ ପଦ

ଛକା ବଣା ତାରା କଳା ନଳା ପଦା

ପତର ବହଳ ହଳହଳ ଟହଟହ

ଅତର ଗହଳ କଳକଳ ମହମହ

୧୧. ଚିତ୍ର ଦେଖି କହିବା, ଗଛ ଲଗାଇଲେ କ'ଣ ଲାଭ ହୁଏ ?



## ୧୨. ଲେଖିବା ।




ବଳ(ଦ) ଦ




ଗ(ଛ) ଛ




ପ(ତ)ର ତ



ପ(ଣ)ସ ଣ



ନ(ଳ) ଳ



କ(ଲ)ମ ଲ



(ଝ)ର ଝ

## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଚିତ୍ର ଦେଖିବାସହ ଶିକ୍ଷକ ଓ ପିଲାମାନେ ମିଶି ପାଠଟିକୁ ୨/୩ ଥର ପଢ଼ିବେ ।
- ପଢ଼ିବାବେଳେ ଶ, ସ, ଷ ଓ ହ ଉଚ୍ଚାରଣ ଉପରେ ଗୁରୁତ୍ୱ ଦେବେ ।
- ପୂର୍ବପରି ସମଗ୍ର ଗପ, ଅନୁଚ୍ଛେଦ, ଧାଡ଼ି, ଖଣ୍ଡବାକ୍ୟ, ଶବ୍ଦ (ପଦ), ଅକ୍ଷର, କ୍ରମରେ ଅକ୍ଷର ଚିହ୍ନିବା କାମ ହେବ ।
- ବହିର ଅଭ୍ୟାସ କାମ ପୂର୍ବରୁ ଗପ ସମ୍ବନ୍ଧୀୟ କିଛି ପ୍ରଶ୍ନ ସାହାଯ୍ୟରେ ଆଲୋଚନା ହେବ । ଯେପରି ଉତ୍ତରରେ ଶ, ସ, ଷ ଓ ହ ଉଚ୍ଚାରଣ ଆସିବ । ଯଥା– କିଏ ଘୋଡ଼େଇ ହୋଇଛନ୍ତି? ହାତୀ କେଉଁଠି ଉଡୁଛି ? ଘର ଉପରେ ହାତୀ ପଡ଼ିବାରୁ କ'ଣ ହେଲା ଇତ୍ୟାଦି ।
- ଏହାପରେ ଗପ ଓ ଚିତ୍ର ଦେଖି ପିଲାମାନେ ମଧ୍ୟ କିଛି ପ୍ରଶ୍ନ ଶିକ୍ଷକଙ୍କୁ ପଚାରିବେ ଓ ଶିକ୍ଷକ ଉତ୍ତର ଦେବେ । (ପ୍ରତ୍ୟେକ ପିଲା ଉତ୍ତର ଦେବା ଓ ପ୍ରଶ୍ନ ପଚାରିବା ଆବଶ୍ୟକ)
- ଅଭ୍ୟାସ କାର୍ଯ୍ୟ ୮ ଓ ସେହିଭଳି ଅଧିକ ଅଭ୍ୟାସ ପରେ,


  ☐ + ☐ = ୭

  ଏହିପରି ମୁକ୍ତ ଉତ୍ତରମୂଳକ ପ୍ରଶ୍ନର ସମାଧାନ କାମ ଦେବା ଆବଶ୍ୟକ ।
- ୨୦ ପିରିଅଡ଼ରେ ଏହି ପାଠରୁ ଶିକ୍ଷାର୍ଥୀଙ୍କ ସ, ଶ, ଷ ଓ ହ ଚିହ୍ନିବା ଓ ପଢ଼ିବା, ଦ, ଛ, ତ, ଣ, ଳ, ଲ ଓ ଝ ଲେଖିବା, ୧ ରୁ ୯ ଊର୍ଦ୍ଧ୍ୱକ୍ରମ, ଅଧଃକ୍ରମରେ ଗଣିବା, ଯୋଗଫଳ '୯' ପାଇଁ ଦୁଇଟି ସଂଖ୍ୟାର ଯୋଗ କରିବା, '+' ଓ '=' ଚିହ୍ନର ବ୍ୟବହାର କରିବା, ଋତୁ ଅନୁଯାୟୀ ବିଭିନ୍ନ ପୋଷାକର ବ୍ୟବହାର ଦର୍ଶାଇବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ ।

# ଉଇ

ମୋ ନାଁଟି ଉଇ
ମାଟିରେ ଥାଇ
କାଠକୁ ଖାଇ
ପେଟ ପୂରାଇ
ମୋ ନାଁଟି ଉଇ ।

ଇଟା ମାଟିର ଘର
ନଥାଏ ମୋ ପାଇଁ ଡର
ଚାଳ ଛପର ଘର
କରଇ ନାରଖାର
ଲୁଗାପଟାକୁ ଖାଇ
ମୋ ନାଁଟି ଉଇ ।



# ଅଭ୍ୟାସ

୧. ଛବି ଦେଖି ପଢ଼ିବା ।



ଇଟା



ଉଇ




କାଉ



ଲାଉ



ଘର



ଖଟ



ଆଖି




ଘଡ଼ି



ଘଣ୍ଟି

୨. 'ଇ' କୁ 'ଇ' ଯୋଡ଼ିବା ।

ଅଖ

ଭାଇ   ଖଇ   ମଇ   ଯାଇ

ପଇତା   ରାଇତା

ଛାଇ   କାଇ   ବାଇ

ଲାଇ   ଘର   ନଖ   ଘାଇ

ଇଏ   ନାଇ   ଚଇତ

୩. (କ)





ଛତା ଉପରେ ଥିବା ବିନ୍ଦୁ ଯୋଡ଼ି କେଉଁ ଅକ୍ଷର ପାଇଲ କହ ।
ତଳ ଅକ୍ଷରଗୁଡ଼ିକୁ ତା' ସହିତ ଯୋଡ଼ି ପଢ଼ ।

ଖ) 'ଖ' ଅକ୍ଷର ଥିବା ଶବ୍ଦକୁ ମୂଷା ଲାଞ୍ଜକୁ ବଢ଼ାଇବା ।



ଘନ ଖଇ ଖଳା ଖତ
ଖଟ ଲଇ ଖଟା ପଘା




୪. ବିନ୍ଦୁ ଯୋଡ଼ିବା । ଯେଉଁ ଅକ୍ଷର ପାଇବା ତାହାକୁ ସମାନ ଅକ୍ଷର ଥିବା ଶବ୍ଦ ସହିତ ଗାର ଟାଣି ଯୋଡ଼ିବା ।

୫. ତଳେ ଥିବା ଛବିଗୁଡ଼ିକର ନାମ କ'ଣ କହିବା ।






୬. ଆସ ଅସଜଡ଼ା ଅକ୍ଷରକୁ ସଜାଡ଼ି ପଢ଼ିବା ।

ଟାଖ, ଟବା, ଘବା, ଖୁଆ, ଟାଇ, ତାଇପ

୭. ଆସ ପଢ଼ିବା ।

କାଉ ରାବଇ କା କା
ହନୁ ଭାଇ ତୁ ଖା ଖା
କୋଇଲି ଗୀତ ଗା ଗା
କଜଳପାତି ଆ ଆ ।

୮. ଆସ ଅକ୍ଷର ଲଗାଇ ପଢ଼ିବା ।


ଲ

ର

୯. (କ) ଗୋଲରେ ଥିବା ଛବିରୁ କେଉଁଟି ଅଲଗା ବାଛିବା ।










(ଖ) କେଉଁ ପଶୁପକ୍ଷୀକୁ ଆମେ ଘରେ ପାଳୁ ?

୧୦. କ) ଗାଈ କେଉଁଠି ରହେ ? ଗାଈ ତା' ଦେହକୁ କିପରି ସଫା କରେ ? ଆସ ଜାଣିବା, କିଏ କେଉଁଠି ରହେ ଓ କିପରି ତା' ଦେହ ସଫା କରେ ।





ପାଟି ବା ଜିଭରେ

ଦାନ୍ତରେ ବା ନଖରେ

ଶୁଣ୍ଢରେ ବା ଲାଙ୍ଗୁଡ଼ରେ


ଥଣ୍ଟରେ ବା ଝାଡ଼ି ହୋଇ

ଖ) ତୁମେ ସକାଳୁ ଉଠି କି କି କାମ କର?

ଗ) ଠିକ କାମ ପାଖରେ (✓) ଓ ଭୁଲ କାମ ପାଖରେ (X) ଚିହ୍ନ ଦିଅ ।

- ସକାଳୁ ଉଠି ଆଖି ମୁହଁ ଧୋଇବା ।
- ଖାଇବା ଆଗରୁ ହାତ ଧୋଇବା ନାହିଁ ।
- ସକାଳୁ ଦାନ୍ତ ଘଷିବା ।
- ଗରମ ଖାଦ୍ୟ ଖାଇବା ।
- ବାସି ଖାଦ୍ୟ ଖାଇବା ।
- ମାଛି ବସା ଖାଦ୍ୟ ଖାଇବା ।
- ଚପଲ ପିନ୍ଧି ପାଇଖାନା ଯିବା ।

## ୧୧. ଦେଖିବା ଓ ଲେଖିବା ।

 ଡାଲା


 ବା

 ଶଗଡ଼

 ପଇ

 ଜାଲ

 ଟ

 ଓଧ

 ଗ

## ୧୨. ପଢ଼ିବା ।


| | | | |
|---|---|---|---|
| କାଇ | ଲାଉ | ଖାର | ଘନ |
| ଜାଇ | କାଉ | ଖାଲ | ଘର |


| | | |
|---|---|---|
| ଚଇତ | ଭାଉଜ | ପରଖ |
| ରଇତ | ମଉଜ | ଅରଖ |

କନକର ଘର ବହୁତ ବାଟ


ତରତର ଚାଲ ନ କର ମଠ ।

୧୩. ବିନ୍ଦୁ ଯୋଡ଼ିବା ।





୧୪. କ) ଆସ ଆମେ ଯୋଡ଼ିବା । ଯେପରି–




ଖ) ଉପର ଭଇ ଛବିଗୁଡ଼ିକୁ ଗଣିବା ।

ଗ) କେତେରେ କେତେ ମିଶିଲେ ୯ ହେବ ?


# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ପୂର୍ବରୁ କୁହାଯାଇଥିବାପରି ପଦ୍ୟଟିକୁ ୩/୪ଥର ପିଲାଙ୍କ ସହିତ ଆବୃତ୍ତି କରାଯିବ। ପଦ୍ୟରୁ ପଦ, ପଦରୁ ଧାଡ଼ି, ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କରାଯିବ।
- ଅଭ୍ୟାସ କାର୍ଯ୍ୟ ୨ରେ ଅଧିକ ବିନ୍ଦୁ ଯୋଡ଼ା କାମ କରାଯିବା ଆବଶ୍ୟକ।
- ଅଭ୍ୟାସ କାର୍ଯ୍ୟ ୯ରେ ଅନ୍ୟାନ୍ୟ ଚିତ୍ର ଦେଇ ଅଲଗାଟିକୁ ବାଛିବାକୁ କୁହାଯାଇପାରିବ।
- ଅଭ୍ୟାସ କାର୍ଯ୍ୟ ୧୦ 'ଗ'ରେ ଆହୁରି ଅନେକ କାମ କରି ଭୁଲ ଠିକ ନିର୍ଦ୍ଧାରଣ କରାଯିବ।
- ଅଭ୍ୟାସ କାର୍ଯ୍ୟ ୧୩ରେ ଅଲଗା ପଶୁପକ୍ଷୀଙ୍କର ଚିତ୍ରକୁ ବିନ୍ଦୁଦେଇ ଯୋଡ଼ିବା ପାଇଁ କୁହାଯାଇପାରିବ।
- ଅଭ୍ୟାସ କାର୍ଯ୍ୟ ୧୪ର 'ଗ'ପାଇଁ ପ୍ରତ୍ୟେକ ପିଲାଙ୍କୁ କହିବାକୁ ସୁଯୋଗ ଦିଆଯିବ।
- ଏହି ପାଠପାଇଁ ଅନ୍ୟୂନ ୨୫ଟି ପିରିଅଡ଼ ଲାଗିବ। ଏଥିରେ ଇ, ଉ, ଖ, ଘ ଅକ୍ଷର ଚିହ୍ନଟ ଓ ପଠନ, ଡ, ଡ଼, ନ, ଧ ର ଲିଖନ, ଚିତ୍ରାଙ୍କନ, ୨୦ ମଧ୍ୟରେ ଗଣନ, କମ୍‌ବେଶୀ, ସାନ-ବଡ଼ର ଧାରଣା, ୨ଟି ସଂଖ୍ୟାର ଯୋଗଫଳ ( ୯ ମଧ୍ୟରେ), ବିଭିନ୍ନ ପକ୍ଷୀ, ପଶୁ, କୀଟପତଙ୍ଗ, ସେମାନଙ୍କର ସ୍ୱର, ଗୃହପାଳିତ ପଶୁ, ଜୀବଜନ୍ତୁ, ପରିଷ୍କାର ପରିଚ୍ଛନ୍ନତା ବିଷୟ ଆଧାରିତ ଦକ୍ଷତାର ବିକାଶ ହେବା ଆବଶ୍ୟକ।

ପାଠ-୧୧

# କିଚିରି ମିଚିରି

କିଚିରି ମିଚିରି କିଚିରି ମିଚିରି
କିଚିରି ମିଚିରି ଚଟିଆ,
ଧାନ ଜଗିଥିଲା ନଟିଆ ।
ନଟିଆ ଧରିଲା ବାଡ଼ି
ଚଟିଆ ଗଲେ ଉଡ଼ି ।



# ଅଭ୍ୟାସ

୧. ଦୁଇପାଖରେ ଥିବା ଏକ ପ୍ରକାର ଖେଳଣାକୁ ମଝିଘରର ଶବ୍ଦସହ ଯୋଡ଼ିବା ।




| |
|---|
| ଝିଟିପିଟି |
| ବିରାଡ଼ି |
| ନିକିତି |
| ଗିଲାସ |
| ହରିଣ |




୨. ଛବି ଦେଖି ଖାଲିସ୍ଥାନ ପୂରଣ କରିବା ।


ଚକ


ଚ_____


ମାଛ


ମା_____


କାଠ


କା_____

୩. 'ମି'ପରି ତଳେଥିବା ଅନ୍ୟ ଅକ୍ଷରରେ ରଙ୍ଗିନ କଲମରେ 'ି'ଯୋଗକରି ପଢ଼ିବା ।





୪. କ) ତଳ ଛବିମାନଙ୍କର ମଝିରେ ଦିଆଯାଇଥିବା ଜିନିଷଗୁଡ଼ିକର ନାମ ସହିତ କାହାର ସମ୍ପର୍କ ଅଛି ତାକୁ ଗାର ଟାଣି ଚିହ୍ନିବା ।







ବାଇଗଣ
ପିଆଜ ମକା
ଧାନ ଘାସ
ଗହମ







ଖ) ଆଉ କେତୋଟି ପରିବା ଗଛର ନାମ କହିବା ।


୫. ଏହିପରି ଲେଖିବା ।


| | | | | | |
|---|---|---|---|---|---|
| ୧୧ | | | ୧୨ | | |
| ୧୧ | | | ୧୩ | | |
| ୧୧ | | | ୧୪ | | |
| ୧୧ | | | ୧୫ | | |
| ୧୧ | | | ୧୬ | | |

୬. ତଳେ ଦିଆଯାଇଥିବା ଉଦାହରଣକୁ ଦେଖି ଖାଲିଘର ପୂରଣ କରିବା ଓ ପଢ଼ିବା । ଯେପରି - ନାଲି

| | | | | | | |
|---|---|---|---|---|---|---|
| ନା | ବା | ଖା | ଡା | ଗି | ଚି | ତି |
| ଲି | | | | ନି | | |

## ୭. ଗଣିବା ଓ କେତେହେଲା ଖାଲିଘରେ ଲେଖିବା ।





କହିବା -

କ) କେତୋଟି ଚଢ଼େଇ ଅଛନ୍ତି ?

ଖ) କେତୋଟି ଉଇ ଅଛନ୍ତି ?

ଗ) କେତୋଟି ବଳଦ ଅଛନ୍ତି ?

ଘ) କେତୋଟି ଆମ୍ବ ଅଛି ?

ଙ) କେତୋଟି ପ୍ରଜାପତି ଉଡୁଛନ୍ତି ?

ଚ) କେତେ ଜଣ ପିଲା ଅଛନ୍ତି ?

ଛ) କେତୋଟି ଫୁଲ ଫୁଟିଛି ?

୮. ଆସ ଛବି କରିବା ।

| | |
|---|---|
|  | ୮ଟି କର |
|  | ୧୦ଟି କର |
|  | ୧୫ଟି କର |

୯. ପାଠରେ ଥିବା ଗୀତ ଦେଖି ଖାଲି ଘରେ କ'ଣ ହେବ ଲେଖିବା ।

ନ____ଆ    ଧରି____

ଜ____ଥିଲା    ଚ____ଆ

## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଚିତ୍ର ଦେଖିବା ସହ ୩/୪ଥର ଶିକ୍ଷକ ଓ ପିଲା କବିତା ଆବୃତ୍ତି କରିବେ।
- ପୂର୍ବପରି ପଂକ୍ତି, ଧାଡ଼ି, ଶବ୍ଦ ଓ ଅକ୍ଷର କ୍ରମରେ ଚିହ୍ନିବା କାମ ହେବ।
- ଯେଉଁ ପିଲାର ସୂଚନା ବୁଝିବାରେ ଅସୁବିଧା ହେବ, ଶିକ୍ଷକ ସହାୟତା ଦେବେ ଯେପରି ପିଲା ସ୍ୱଚ୍ଛନ୍ଦରେ କାମ କରିବେ।
- ପ୍ରତ୍ୟେକ ପିଲା ଅଭ୍ୟାସର କାମଗୁଡ଼ିକ କରିବା ନିଶ୍ଚିତ କରାଯିବ।
- ଅଭ୍ୟାସ ୪ (ଖ) ଓ ୭ ର ପ୍ରଶ୍ନଗୁଡ଼ିକ କରିବା ନିଶ୍ଚିତ କରାଯିବ।
- ଗାଆଁରେ ଆଉ କେଉଁ ଶସ୍ୟ ଓ ପରିବା ଚାଷ ହୁଏ, ଘରୁ ବୁଝିଆସି ଶ୍ରେଣୀରେ କହିବାକାମ ମଧ୍ୟ ଦିଆଯିବ।
- ୨୦ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କୁ 'ଇ'କାର ( ି ) ଚିହ୍ନିବା, ଇ-କାର ଦେଇ ଅକ୍ଷର, ଶବ୍ଦ ଲେଖିବା, କବିତା ଆବୃତ୍ତି, ୧୧ ରୁ ୨୦ ପର୍ଯ୍ୟନ୍ତ ଗଣିବା ଓ ଲେଖିବା, ବିଭିନ୍ନ ଶସ୍ୟ ଓ ପରିବା ଗଛ ଚିହ୍ନିବା, ଚିତ୍ର ଆଙ୍କିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

ପାଠ-୧୨

# ଦୀପାବଳି

ଦୀପାବଳି ଦିନ ବାପା ଡଲି ଓ ଝିଲିକୁ ପାଖକୁ ଡାକି କହିଲେ - ଆଜି ଦୀପାବଳି । ଆମ ଘରକୁ ପାଖପଡ଼ୋଶୀ ଓ କୁଣିଆ ଆସିବେ । ବହୁତ ଭିଡ଼ ହେବ । ତୁମେ ଦୁଇଜଣ କାମରେ ଟିକିଏ ସାହାଯ୍ୟ କର । ଏହି ମହମବତିଗୁଡ଼ିକ ନିଅ । ତାକୁ ସଜାଇ ରଖ ।

ମୁଁ ଯେତିକିଟି ମାଗିବି କିଏ ଶୀଘ୍ର ଶୀଘ୍ର ଗଣିକରି ଦେବ ?




# ଅଭ୍ୟାସ

୧. ଡଲି ଦେଲା

୭- 

୧୫- 

୧୭- 

୧୮- 

ଝିଲି ଦେଲା

୮- 

୧୩- 

୧୪- 

୧୧- 

୨. ଉପରେ ଯେପରି ଛବି କରାଯାଇଛି, ସେହିପରି ତଳେ ଲେଖାଥିବା ସଂଖ୍ୟା ପାଖରେ ଛବି କରିବା ।

୮

୧୪


୯

୧୦

୧୩

୭

୩. ସମାନ ସଂଖ୍ୟକ ମହମବତିକୁ ନେଇ ସଂଖ୍ୟା ସହ ଯୋଡ଼ିବା ।



୧୩

୫

୧୨

୧୭


୧୯

୨୦


୪. ତଳେଥିବା ସଂଖ୍ୟାକୁ ନେଇ ଖାଲିଘରେ ଆଳୁ ଛବି କରିବା ।

| | |
|---|---|
| ୪ | |
| ୮ | |
| ୧୧ | |
| ୧୫ | |
| ୧୯ | |

୫. ବିଲେଇ ଟୋକେଇରେ ଗଣି ରଖିଥିବା ମାଛ ଓ ବାହାରେ ଥିବା ମାଛକୁ ଗଣି ଖାଲିଘର ପୂରଣ କରିବା ।



୬. ୧୦ଟି ମନ୍ଦାର ଫୁଲରେ ଗୋଟିଏ ମାଳ ତିଆରି କରିବାପରେ ଆଉ କେତୋଟି ଫୁଲ ରହିଲା, କହିବା ।












୧୨

୧୫

୧୩

୧୭

୭. ଖାଲିଘର ପୂରଣ କରିବା ।

| | |
|---|---|
|  | ୧ ଦଶ |
|  | ୧ଦଶ ୧ଏକ |
|  | ୧ଦଶ ୨ଏକ |
|  | __ଦଶ__ଏକ |
|  | |
|  | |
|  | |
|  | |
|  | |
|  | |
|  | |

୮. କ) ଦୀପାବଳିରେ ଆମେ କ'ଣ ସବୁ କରୁ ? କେଉଁମାନେ ଆମ ଘରକୁ ଆସନ୍ତି ?

ଖ) ତୁମ ଅଞ୍ଚଳରେ ଆଉ କେଉଁ ସବୁ ପର୍ବ ପାଳନ କରାଯାଏ କହିବା ।

୯. କ) 'ଆ'କାର (ା) ଲଗାଇ ଖାଲିଘର ପୂରଣ କରିବା । ଯେପରି-

ଖତ ଖାତା

ପର ____ ବପ ____ ମତ ____

(ଖ) ଆସ ପଢ଼ିବା ।


ଜଟିଆ କହିଲା ଆ ଆ

ଚଟିଆ କହିଲା ନା ନା

ଜଟିଆ ରଖିଲା ଖଇ

ଚଟିଆ ଦେଲାରେ ଖାଇ ।

୧୦. ଯେପରି ୭ ଓ ୧ ମିଶିଲେ ମଝିଘରେ ୮ ହେଉଛି, ସେହିପରି ସବୁ ଖାଲିଘରକୁ ପୂରଣ କରିବା ।




# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା


- ଗପଟିକୁ ୨/୩ ଥର ପାଠ କରିବେ। ଆବଶ୍ୟକସ୍ଥଳେ ଚିତ୍ର ଦେଖାଇବେ। ଚିତ୍ରଗୁଡ଼ିକ ଉପରେ ଭଲଭାବେ ଆଲୋଚନା ଆବଶ୍ୟକ।
- ଅଭ୍ୟାସ କାର୍ଯ୍ୟ ୧ ଓ ୩ ପାଇଁ ବସ୍ତୁକୁ ନେଇ ଦଶ ଏକର ଧାରଣା ଦେବା ଆବଶ୍ୟକ।
- ଅଭ୍ୟାସ କାର୍ଯ୍ୟ ୮ (କ) ଓ (ଖ) ପାଇଁ ନିଜନିଜ ଅଞ୍ଚଳରେ ହେଉଥିବା ପର୍ବପର୍ବାଣି ଉପରେ ଆଲୋଚନା କରାଯିବ।
- ଚିତ୍ରରେ କେଉଁ ଲୋକମାନେ ଆସିଛନ୍ତି? ଦୀପାବଳି ଆମେ କାହିଁକି ପାଳନ କରୁ ଇତ୍ୟାଦି ପ୍ରଶ୍ନ ମାଧ୍ୟମରେ ଆଲୋଚନା ହେବ।
- ଅଭ୍ୟାସ କାର୍ଯ୍ୟ ୯ର (ଖ) ପାଇଁ ନିଜ ଅଞ୍ଚଳରେ ପରିଚିତ 'ଆ' କାର (ା) ଥାଇ କବିତା ଆବୃତ୍ତି କରାଯାଇପାରିବ।
- ଏହି ପାଠପାଇଁ ଅନ୍ୟୂନ ୧୯ଟି ପିରିଅଡ଼ ରହିବବୋଲି ଆଶା କରାଯାଏ। ଏହି ପାଠରେ ସରଳ କବିତା ଆବୃତ୍ତି, 'ଆ' କାର (ା), 'ଆ' କାର ନେଇ ଶବ୍ଦ ଲିଖନ, ଦୁଇଅଙ୍କ ବିଶିଷ୍ଟ ସଂଖ୍ୟା ଗଣନର ସହଜ ଉପାୟ, ସ୍ଥାନୀୟମାନ, ୯ ମଧ୍ୟରେ ଯୋଗ, ଆଞ୍ଚଳିକ ପର୍ବପର୍ବାଣି ବିଷୟରେ ଧାରଣା, ସାଇତି ରଖିବା, ସଜାଇ ରଖିବା ଇତ୍ୟାଦିର ଧାରଣା ଆଧାରିତ ଦକ୍ଷତାର ବିକାଶ ହେବା ଆବଶ୍ୟକ।


ପାଠ-୧୩


# ଚତୁର କୁକୁଡ଼ା



କୁକୁଡ଼ା ଆଉ କୁକୁର ଦୁଇମିତ । ଦୁଇଜଣଙ୍କର ଭଲପଡ଼େ। ହସିଖେଳି ଦିନ ବିତିଯାଉଥିଲା। ଦିନେ କୁକୁର ହାଲିଆ ହୋଇ ଶୋଇ ଯାଇଥାଏ। ବଣରୁ ବିଲୁଆଟିଏ ଆସିଲା। ତାକୁ ଦେଖି କୁକୁଡ଼ା ଭୟରେ ଥରିଲା। ବିଲୁଆ କୁକୁଡ଼ାକୁ କିପରି ଖାଇବ ଭାବିଲା। ପାଖକୁ ଯାଇ କହିଲା, "କୁକୁଡ଼ାଭାଇ, ଆସ ମିତ ବସିବା। ହସ ଖୁସି କରି ଚଳିବା।"








କୁକୁଡ଼ା ବିଲୁଆର ଚାଲାକି ବୁଝିଲା । କହିଲା, "ରହ, ଆଉ ଜଣେ ମିତକୁ ଡାକୁଛି । ଭାରି ମଜା ହେବ ।" କୁକୁଡ଼ା ଡାକ ଛାଡ଼ିଲା । କୁକୁର ଭୋ ଭୋ କରି ଦଉଡ଼ି ଆସିଲା । କୁକୁରର ଭୋ ଭୋ ଶବ୍ଦରେ ବିଲୁଆ ଦେହରୁ ଝାଳ ବାହାରିଲା । "ହୁକେ ହୋ - ହୁକେ ହୋ" ରଡ଼ି ଛାଡ଼ି ପଳାଇଲା ।

## ଅଭ୍ୟାସ

୧. ଛବି ଦେଖି ପଢ଼ିବା ।



ଗୟଳ



ନୟନ




ଜାତୀୟ ପତାକା



ଭାଲୁ



ଭାରୁଆ




ଭାକୁର

୨. ଭାଇ ଶୟନ ବୟନ ଭରତ

ଭବନ ଭାର ମଳୟ

ଚୟନ ଭଉଣୀ

ଗାୟକ ବୟସ ଭରସା



ପୁଅଟି 'ୟ' ଅକ୍ଷରଥିବା ତାରାପାଖକୁ ତୀରମାରି ଚିହ୍ନିବ। ତୀରଠାରୁ ଗାରଟାଣି 'ୟ'ଅକ୍ଷରକୁ ଯୋଡ଼ିବା।

ଝିଅଟି 'ଭ' ଅକ୍ଷରଥିବା ତାରାପାଖକୁ ଚୁଡ଼ିଫିଙ୍ଗିବ। ଅକ୍ଷର ଚାରିପଟେ ◯ କରିବା ।

୩. ପ୍ରଶ୍ନ ୨ର ଛବିଦେଖି ଲେଖିବା।

କ) ବଡ଼ ତାରା କେତୋଟି ?



ଖ) ସାନ ଓ ମଝିଲା ତାରା ମିଶି କେତୋଟି ?


ଗ) 'ଭ'ଅକ୍ଷରଥିବା ତାରା ଓ ଖାଲିତାରା ମିଶି କେତେ ?


ଘ) 'ୟ' ଅକ୍ଷରଥିବା ତାରା ଓ ଖାଲିତାରା ମିଶି କେତେ ?


| | | | | | |
|---|---|---|---|---|---|
| ବଡ଼ ତାରା | ☐ | + ସାନ ତାରା | ☐ | = | ☐ |
| ସାନ ତାରା | ☐ | + ମଝିଲା ତାରା | ☐ | = | ☐ |
| ମଝିଲା ତାରା | ☐ | + ବଡ଼ ତାରା | ☐ | = | ☐ |


୪. ଛବି ଓ ଶବ୍ଦ ମିଶାଇ ପଢ଼ିବା ।

 ଆଉ  ଦୁଇ ମିତ ।

ବଣରୁ  ଆସିଲା ।

  କୁ ଖାଇବାକୁ ମନ କଲା ।

  କୁ ଡାକିଲା ।

 ଭୟ କରି ପଳାଇଲା ।

୫. ଲେଖିବା ।

________ଆଉ ________ଦୁଇ ମିତ ।

ବଣରୁ ________ଆସିଲା ।

________ ________କୁ ଖାଇବାକୁ ମନ କଲା ।

________ ________କୁ ଡାକିଲା ।

________ଭୟ କରି ପଳାଇଲା ।

୬.




ଡାକଘର ପାଖରେ କ'ଣ ଅଛି ?

ବିଦ୍ୟାଳୟଠାରୁ ଦୂରରେ କ'ଣ ଅଛି ?

ଡାକଘର ଓ ମନ୍ଦିର ମଝିରେ କ'ଣ ଅଛି ?

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଗପଟି ପଢ଼ା ହେବା ପରେ ( ୨/୩ ଥର) କେଉଁ କେଉଁ ଶବ୍ଦରେ ଭ, ୟ, ଯ ଅଛି ସେ ଶବ୍ଦଗୁଡ଼ିକ କହିବାପାଇଁ କୁହାଯିବ।
- ତା'ପରେ, ହାଲିଆ ହେଲେ କିପରି ଶୁଅନ୍ତି ? ଭୟରେ କିପରି ଥରନ୍ତି ? ଅଭିନୟ କରି ଦେଖାଇବାପାଇଁ ପିଲାଙ୍କୁ କାମ ଦିଆଯିବ।
- କୁକୁଡ଼ା କୁକୁରକୁ କିପରି ଡାକିଲା ? କୁକୁର ରାଗିକରି କିପରି ଭୁକିଲା ? ବିଲୁଆ ଭୟରେ କିପରି ବୋବାଇଲା ? ସ୍ୱର କରିବାପାଇଁ ପିଲାଙ୍କୁ କୁହାଯିବ - ଏଇ ଦୁଇ କାମ ପ୍ରତ୍ୟେକପିଲା କରିବା ଆବଶ୍ୟକ (ସବୁପିଲା ଏକା ସାଙ୍ଗରେ କଲେ ମଧ୍ୟ ହେବ) ।
- ୧ ରୁ ୫ ଅଭ୍ୟାସ କାମ କରିବାପରେ ଅଭ୍ୟାସ ୬ କାମରେ ଚିତ୍ରରେ ଡାକଘର ଠାରୁ ଦୂରରେ ଏକ ଗଛରଚିତ୍ର କରିବାପାଇଁ ଓ ଡାକଘର ଉପରେ ଏକ ଜାତୀୟ ପତାକା ଆଙ୍କିବାପାଇଁ ପିଲାଙ୍କୁ କୁହାଯିବ। ପ୍ରତ୍ୟେକପିଲା ଆଙ୍କିବା ଆବଶ୍ୟକ।
- ଅଭ୍ୟାସ ୬ରେ ଥିବା ପ୍ରଶ୍ନ ସହ 'ତୁମେ କରିଥିବା ଗଛପାଖରେ କ'ଣ ଅଛି କହ' ଏଇପ୍ରଶ୍ନ ପଚରାଯିବ।
- ପିଲାଙ୍କୁ ନିଜ ଗାଁ / ସାହିରେ ସକାଳର ଦୃଶ୍ୟଟିଏ ଆଙ୍କିବାପାଇଁ କୁହାଯିବ । ପ୍ରତ୍ୟେକ ପିଲା ନିଜଚିତ୍ରତଳେ ନିଜନାଆଁ ଲେଖିବେ । ସମସ୍ତଚିତ୍ର ଶ୍ରେଣୀରେ ଟଙ୍ଗାଯିବ।
- ୧୯ ପିରିଅଡର ଏଇ ପାଠରୁ ଶିକ୍ଷାର୍ଥୀଙ୍କ– ଉ ଓ 'ଉ'କାର ( ୁ ), ଭ, ଯ, ୟ ଚିହ୍ନିବା ଓ ପଢ଼ିବା, ଚିତ୍ରଦେଖି ବାକ୍ୟପଢ଼ିବା, ସରଳବାକ୍ୟ ଗଢ଼ିବା, ୧୮ ମଧ୍ୟରେ ଯୋଗକରିବା, ଡାକଘର, ବିଦ୍ୟାଳୟ, ମନ୍ଦିରଇତ୍ୟାଦି ଅନୁଷ୍ଠାନ ସମ୍ବନ୍ଧରେ ଦର୍ଶାଇବା, ବଡ଼-ସାନ ଦର୍ଶାଇବା, ପାଖ - ଦୂର ଅନୁମାନକରିବା ଓ ଚିତ୍ର ଅଙ୍କନକରିବା ଇତ୍ୟାଦି ଦକ୍ଷତାର ବିକାଶହେବା ଆବଶ୍ୟକ।

ଆମେ ଏପର୍ଯ୍ୟନ୍ତ ଚ, ଟ, ମ, ର, ଗ, ଙ, କ, ନ, ପ, ଆ, ଠ, ବ, ଳ, ଲ, ଅ, ଖ, ଛ, ଣ, ତ, ଦ, ଜ, ଡ, ଢ, ଧ, ଶ, ଷ, ସ, ହ, ଇ, ଉ, ଘ, ଭ, ଯ, ୟ ଅକ୍ଷରଗୁଡ଼ିକ ଶିଖିଲେ ।

ଓଡ଼ିଆ ବର୍ଣ୍ଣମାଳାରେ ଆମେ ଶିଖିଥିବା ଏହି ଅକ୍ଷରଗୁଡ଼ିକ ଅ, ଆ, ଇ, ଉ, କ, ଖ, ଗ, ଘ, ଚ, ଛ, ଜ, ଞ, ଟ, ଠ, ଡ, ଢ, ଣ, ତ, ଦ, ଧ, ନ, ପ, ବ, ଭ, ମ, ଯ, ୟ, ର, ଳ, ଲ, ଶ, ଷ, ସ, ହ କ୍ରମରେ ରହନ୍ତି ।

ଆସ ଶବ୍ଦଖୋଜି ଗୋଲ ବୁଲାଇବା ।


ଯେପରି – ଗରମ

| | | | | |
|---|---|---|---|---|
| ଚ | ଦ | ର | ପ | ର |
| ପ | ଟ | ଚ | ବ | ସ |
| ଲ | ଗ | ହ | ନ | ର |
| ଅ | ର | ଟ | ଶ | ସ |
| ର | ମ | ଗ | ୟ | ଳ |
| ଖ | ବ | ର | ନ | ଳ |

## ଆସ ମନେପକାଇବା

ଚିତ୍ରଗୁଡ଼ିକୁ ଭଲଭାବେ ଦେଖିବାପରେ ବହି ବନ୍ଦ କରିଦିଅ ।
ଏବେ ମନେପକାଇ କେତୋଟି କେଉଁକେଉଁ ପଶୁ ଦେଖିଲ କହ ।




Finish
100
99
98
97
96
95
94
93
92
91
81
82
83
84
85
86
87
88
89
90
80
79
78
77
76
75
74
73
72
71
61
62
63
64
65
66
67
68
69
70
60
59
58
57
56
55
54
53
52
51
41
42
43
44
45
46
47
48
49
50
40
39
38
37
36
35
34
33
32
31
21
22
23
24
25
26
27
28
29
30
20
19
18
17
16
15
14
13
12
11
1
2
3
4
5
6
7
8
9
10

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ.....
ଚାରୁ ହାସମୟୀ ଚାରୁ ଭାଷମୟୀ
ଜନନୀ ଜନନୀ ଜନନୀ... । ୦ ।

ବନ୍ଦେ ଉତ୍କଳ ଜନନୀ
ପୂତ-ପୟୋଧି-ବିଧୌତ-ଶରୀରା
ତାଳ-ତମାଳ-ସୁଶୋଭିତ-ତୀରା
ଶୁଭ୍ର ତଟିନୀ କୂଳ ଶୀକର ସମୀରା
ଜନନୀ ଜନନୀ ଜନନୀ । ୧ ।

ଘନ ଘନ ବନଭୂମି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ ଜନନୀ ଜନନୀ । ୨ ।

ସୁନ୍ଦର-ଶାଳି-ସୁଶୋଭିତ-କ୍ଷେତ୍ରା
ଜ୍ଞାନ-ବିଜ୍ଞାନ-ପ୍ରଦର୍ଶିତ-ନେତ୍ରା
ଯୋଗୀ ଋଷିଗଣ-ଉଟଜ-ପବିତ୍ରା
ଜନନୀ ଜନନୀ ଜନନୀ । ୩ ।

# ଆସ ରଙ୍ଗ କରିବା

